

ଇନ୍ଦ୍ରିୟ ଭୋଗ କ୍ଷଣସ୍ଥାୟୀ, ଯେପରି ବିଜୁଳିର ଚକମକ ଆଲୋକ। ତେଣୁ ପ୍ରତ୍ୟେକ ଭଲ ମଣିଷ ପ୍ରଥମେ ଇନ୍ଦ୍ରିୟ ଭୋଗଠାରୁ ଦୂରେଇ ରହିବା ଆବଶ୍ୟକ। -ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଘାଟିରାସ୍ତାରେ ନିମ୍ନମାନର କାମ



କୋଲାବନଗର,୨।୪(ଡି.ଏନ୍.ଏ.): କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଆର.ଡି. ରୋଡ ସ୍ଥାନୀୟ ହନୁମାନ ମନ୍ଦିରରୁ ଗଞ୍ଜେଇପଦର ମଧରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିପାଇଁ ଅନେକ ଥର ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ତଥା ବିଭାଗୀୟ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ୫ ବର୍ଷ ହେଲା କିଛି ଫଳ ହେଉନାହିଁ। ସୌଭାଗ୍ୟବଶତଃ ୧୫ ଦିନ ହେଲା ବାଲିପଦରଗୁଡ଼ା ଘାଟିରୁ ବନ୍ଧ ଅଞ୍ଚଳ ଉପକଣ୍ଠ ପର୍ଯ୍ୟନ୍ତ ୩ କି.ମି. ଘାଟି ରାସ୍ତାରେ ଠିକାଦାର ପିଚୁ ପକାଉଥିବା ଦେଖିବାକୁ ମିଳୁଛି। ପିଚୁ କାମ ଅତି ନିମ୍ନମାନର ହେଉଥିବା ଗଞ୍ଜେଇପଦର ଗ୍ରାମର ଯୁବକଙ୍କ ମଧ୍ୟରେ ଚଣ୍ଡାଳ ଟାକ୍ରୀ, ଧନ ସଗରିଆ, ଘାସି ହନ୍ତାଳ, ସହଦେବ ସଗରିଆ, ନାରାୟଣ ଖିଲ ଅଭିଯୋଗ କରିଛନ୍ତି। ରାସ୍ତାରେ ସାଇକେଲ ବ୍ରେକ୍ ମାରିଲେ ପିଚୁ ଉଠିଯାଉଛି। ଭାରିଯାନ କଥା ନ କହିବା ଭଲ। ପିଚୁ କାମ ଚାଲିଥିବା ସମୟରେ କୌଣସି ବିଭାଗୀୟ ଅଧିକାରୀ ତଦାରଖ କରୁନାହାନ୍ତି। ଠିକାଦାର ମେଟ୍ ଓ ଲେବରମାନେ କାମ କରୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ପରିଦର୍ଶନ କରି ରାସ୍ତାକାମ ଠିକ୍ ଭାବରେ କରିବା ପାଇଁ ଦାବି ହୋଇଛି।

### ୪ ହତ୍ୟା ଅଭିଯୁକ୍ତ ଗିରଫ

ସେମିଳିଗୁଡ଼ା,୨।୪(ସ୍ୱ.ପ୍ର.): ସେମିଳିଗୁଡ଼ା ବ୍ଲକ ଫୁଲଡବା ଗ୍ରାମରେ ବଟି ମାଗିବାକୁ କେନ୍ଦ୍ରକରି ଘଟିଥିବା ହତ୍ୟାକାଣ୍ଡରେ ୪ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସେମିଳିଗୁଡ଼ା ଆଇଆଇସି ସମ୍ପିତ ବେହେରା ଏକ ଟିମ୍ ଗଠନ କରିଥିଲେ। ଆର୍‌କେ ମାଲିଗୁଡ଼ାର ବିଜୟ ଖିଲଙ୍କ ସ୍ତ୍ରୀ ରଦମା ଖିଲ, ନାବାଳକ ପୁଅ, ଡ୍ରାଇଭର ନକୁଳ ସେଠୀ ହତ୍ୟା ଘଟାଇ ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୁକ୍ତଙ୍କ ଫୋନ ଟ୍ରାକ କରି ସେମାନଙ୍କୁ ଠାବ କରିଥିଲା। ଗତ ୩୧ ତାରିଖରେ ପୋଲିସ ସେମାନଙ୍କୁ ଗିରଫ କରିବା ପରେ ସେମିଳିଗୁଡ଼ା ନିୟୁ ପିଏଚ୍‌ସି ବିଲେଇଗୁଡ଼ାରେ ଡାକ୍ତରୀ ମାଇନା କରିଥିଲା। ସେମାନଙ୍କ ମଧରୁ ୩ ଜଣଙ୍କୁ କୋରାପୁଟ ଜେଲ୍ ଏବଂ ଜଣେ ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ ଜେଲ୍ ପଠାଇ ଦିଆଯାଇଛି। ଏନେଇ କେସ୍ ନଂ ୨୯/୧୯ରେ ମାମଲା ରୁଜୁ କରାଯାଇଥିଲା। ରାମନାଥ କୋଡିଆଙ୍କ ସ୍ତ୍ରୀ ନୀଲଗିରି କାଠ ଏବଂ ବ୍ରିଜକୁ ନେଇ ଧମକ ଦେଇଥିବା ଭଗବତୀ କୋଡିଆ ଏତଲା ଦେଇଥିଲେ। ସେହି ଅନୁସାରେ ସେମିଳିଗୁଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସମ୍ପିତ ବେହେରା ତାଙ୍କର ସହଯୋଗୀ ଏଏସ୍‌ଆଇ ରବୀନ୍ଦ୍ର ରଥ ଚଢାଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ■ ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପ

# ଧାର୍ଯ୍ୟ ଲକ୍ଷ୍ୟଠୁ ଚଳିତ ବର୍ଷ ଉତ୍ପାଦନ ଅଧିକ

ଦାମନଯୋଡ଼ି,୨।୪(ସ୍ୱ.ପ୍ର.)



ନାଲ୍‌କୋ ପ୍ରଶାସନ ପକ୍ଷରୁ ଆୟୋଜିତ ବିଜୟ ଉତ୍ସବରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

କୋରାପୁଟ ଜିଲା ଦାମନଯୋଡ଼ି ସ୍ଥିତ ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର ଉତ୍ପାଦନ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟରେ ପହଞ୍ଚି ଗତବର୍ଷର ରେକର୍ଡ଼ ଭାଙ୍ଗିଛି। ଗତବର୍ଷ ମାଇନ୍ସରୁ ୭୦,୨୫,୧୦୯ ମେଟ୍ରିକ୍ ଟନ୍ ବକ୍ସାଇଟ୍ ଉତ୍ପାଦନ ହୋଇଥିବା ବେଳେ ଚଳିତ ବର୍ଷ ୭୨,୩୦,୫୪୬ ମେଟ୍ରିକ ଟନ୍ ଉତ୍ପାଦନ ଲକ୍ଷ୍ୟଧାର୍ଯ୍ୟ ହାସଲ କରିଛି। ସେହିପରି ବିଶୋଧନାଗାରରେ ଚଳିତ ବର୍ଷ ୨୧,୫୨,୫୦୦ ମେଟ୍ରିକ ଟନ୍ ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ ହୋଇଥିବା ବେଳେ ଗତବର୍ଷ ଏହା ୨୧,୦୫,୫୦୦ ମେଟ୍ରିକ୍ ଟନ୍ ହୋଇଥିଲା। ଚଳିତ ବର୍ଷ ୫୧୨ ମିଲିୟନ ୟୁନିଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇଥିବା ବେଳେ ଗତବର୍ଷ ୪୮୪ ମିଲିୟନ ୟୁନିଟ୍ ହୋଇଥିଲା। ସେହିଭଳି ରୋଡ୍ ଡେସପାଚ୍ ୯୮୦୦୦ ମେଟ୍ରିକ୍ ଟନ୍ ତଥା ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିଛୁ ବୋଲି ଫ୍ୟାକ୍ଟ୍ରି ମ୍ୟାନେଜର ଭୀମସେନ ପ୍ରଧାନ ସୂଚନା ଦେଇଥିଲେ।

ଏହି ଉତ୍ପାଦନ ଆହୁରି ଅଧିକ ହେବାର ଲକ୍ଷ୍ୟ ଥିବାବେଳେ ଚଳିତ ବର୍ଷ ବର୍ଷା ବାଧକ ସାଜିଥିଲା। ଫଳରେ ଉତ୍ପାଦନରେ ବାଧା ସୃଷ୍ଟି ହୋଇଥିଲା। ତଥାପି ସମସ୍ତ ବାଧକ ସତ୍ତ୍ୱେ ଚଳିତ ବର୍ଷ ସବୁକ୍ଷେତ୍ରରେ ସର୍ବୋତ୍କୃଷ୍ଟ ଉତ୍ପାଦନ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନାଲକୋ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ସମସ୍ତଙ୍କ ସହଯୋଗରେ ଏହା ଲକ୍ଷ୍ୟଧାର୍ଯ୍ୟ ହାସଲ କରିଛି। ବିଶେଷ କରି ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସମସ୍ତ ଅଧିକାରୀଙ୍କ ସୁପରିଚାଳନା ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଶ୍ରମିକ ନେତା ସୋମନାଥ ମହାପାତ୍ର କହିଥିଲେ। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ କହିଥିଲେ ଯେ ଏହି ପ୍ରକଳ୍ପରେ ଏଭଳି ଭାଇଚାରା ସହ ସମସ୍ତେ କାର୍ଯ୍ୟକଲେ ପ୍ରତି ବର୍ଷ ନାଲକୋ ତାର ଲକ୍ଷ୍ୟଧାର୍ଯ୍ୟ ହାସଲ ସହ ସୁନାମ ବଜାୟ ରଖିପାରିବ। ଅନ୍ୟତମ ମହାପ୍ରବନ୍ଧକ ରାଜୀବ କୁମାର ମିଶ୍ର ଏହି ସଫଳତା ପାଇଁ ସମସ୍ତଙ୍କୁ ସାଧୁବାଦ୍ ଜଣାଇଥିଲେ। ଶାବରୀ ଲେକ୍‌ରେ ନାଲକୋ ପ୍ରଶାସନ ପକ୍ଷରୁ ଆୟୋଜିତ ଉତ୍ସବରେ ମହାପ୍ରବନ୍ଧକ ପ୍ରଶାନ୍ତ ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ଯୋଶୀ, ଅରୁଣ ଦାସ, ନେତ୍ରାନନ୍ଦ ମହାରଣା, ରାମଚନ୍ଦ୍ର ତ୍ରିପାଠୀ, ମହମ୍ମଦ ଫରିଦ, ସିକ୍ୟୁରିଟି କନସଲଟାଣ୍ଟ ରାକେଶ ଶର୍ମା, ଅଫିସର୍ସ ଆସୋସିଏସନର ସମ୍ପାଦକ ପି.କେ. ଶତପଥୀ, ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ସଭାପତି ଭଗତ ଟାକ୍ରି, ସମ୍ପାଦକ ସନ୍ତୋଷ ମହାରଣା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଜିଏମ୍ ରମେଶ ଚନ୍ଦ୍ର ଦାଶ ପରିଚାଳନା କରିଥିବା ବେଳେ ଡିଜିଏମ୍ ସୁଦୀପ୍ତ ବାରିକ ସ୍ୱାଗତ ଭାଷଣ ଦେଇଥିଲେ।

## ■ କୋରାପୁଟ ଜିଲା ବିକାଶ ମଞ୍ଚ ବୈଠକ

# ଆଞ୍ଚଳିକ ସମସ୍ୟା ସମାଧାନ ପାଇଁ ସଙ୍କଳ୍ପ

କୋରାପୁଟ,୨।୪(ସ୍ୱ.ପ୍ର.)

କୋରାପୁଟ ଜିଲା ବିକାଶ ମଞ୍ଚ ପକ୍ଷରୁ ସ୍ଥାନୀୟ ଗୁରୁକୁଳ ବିଦ୍ୟାଳୟରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏହି ମଞ୍ଚର ସମସ୍ତ ଯୁବକମାନେ ସଙ୍କଳ୍ପ ନେଇଥିଲେ। ମଞ୍ଚର ସଭାପତି ଜେନସିୟସ ଖରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କୋରାପୁଟ ଜିଲାର କେମିତି ବିକାଶ ହେବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲାର ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଯୋଗାଣ କ୍ଷେତ୍ରରେ କିପରି ଉନ୍ନତି ଘଟିବ, ସେ ନେଇ ଉପସ୍ଥିତ ଅତିଥି ଓ ଯୁବକମାନେ ମତ ରଖିବା ସହ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ କୋରାପୁଟ ପ୍ରେସ କ୍ଲବର ସଭାପତି ଭବାନି ଶଙ୍କର ମିଶ୍ର, ସତା ସାହିତ୍ୟ ସଂସଦର କବି ଜଳଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଜିଲାର ସାମଗ୍ରିକ ବିକାଶ ପାଇଁ ନିଜର ମତ ରଖିଥିଲେ। ଏହି ଅବସରରେ ଜିଲା ବିକାଶ ମଞ୍ଚର ସଂପାଦକ ଶେଷାଦ୍ରୀ ପାଣିଗ୍ରାହୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମଞ୍ଚର ଦୀପକ ପାଢ଼ୀ, ପବିତ୍ର ନାୟକ, ଜାମି ସନ୍ତୋଷ, ସତିଶ ଦାସ, ଅମିତ କୁମାର ସତ୍ୟନାରାୟଣ ପାଣିଗ୍ରାହୀଙ୍କ ସମେତ ବହୁ ଯୁବକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିକାଶ ମଞ୍ଚ ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନେ।

# ଶିବିରରୁ ୪୮ ୟୁନିଟ୍ ରକ୍ତ ସଂଗ୍ରହ

ସୁନାବେଡ଼ା,୨।୪

ସୁନାବେଡ଼ା ସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପାଠଚକ୍ର ପକ୍ଷରୁ ପବିତ୍ର ଉତ୍କଳ ଦିବସ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ ସହଯୋଗରେ ଆୟୋଜିତ ଉକ୍ତ ଶିବିରକୁ ଷ୍ଟେଟ୍ ବ୍ୟାଙ୍କ ଶାଖା ମୁଖ୍ୟ ପ୍ରବନ୍ଧକ ମାନସ ରଞ୍ଜନ ଧୀରସାମନ୍ତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଧୀରସାମନ୍ତ, ମୁଖ୍ୟବକ୍ତା ଅଧାପକ ଡ. ଉମାଶଙ୍କର ପ୍ରସାଦ ପାତ୍ର, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ ଲେଙ୍କା, ମିନତି ମିଶ୍ର ଓ ସାମ୍ବାଦିକ ମନୋଜ ପଟ୍ଟନାୟକ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପାଠଚକ୍ରର ସଭାପତି ନୀଳାଞ୍ଚଳ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏକ ରକ୍ତଦାନ ଶିବିର ହୋଇଥିଲା। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ବରିଷ୍ଠ କର୍ମକର୍ତ୍ତା ଜି. ସଞ୍ଜୀବ କୁମାର, ଶେଖ୍ ଇବ୍ରାହିମ୍, ଶାହେଦା ପରୱିନ, ସ୍ୱରାଜ ରାୟ ଓ ପାଠଚକ୍ରର କର୍ମକର୍ତ୍ତା କୁନୁ ପଗଡ଼ା, ଅଶ୍ୱିନ ନାୟକ, ଭି. ମହେଶ, ରଞ୍ଜନ ମୁଦୁଲି, ସୌମ୍ୟରଞ୍ଜନ ମିଶ୍ର, ଦିପୁନ ପାଣିଗ୍ରାହୀ, ସୁଶାନ୍ତ କୁମାର ତ୍ରିପାଠୀ ପରିଚାଳନା କରିଥିଲେ। ଜୟପୁର ରକ୍ତଭଣ୍ଡାରର କର୍ମକର୍ତ୍ତା ଉକ୍ତ ଶିବିରରୁ ୪୮ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଉକ୍ତ ଶିବିରରେ ପାଠଚକ୍ରର ସଦସ୍ୟ ମୋହନ ବାବୁ, ଯବନ ବଡ଼ିଆ, ଡି. ମୁରଲିକ୍ରିଷ୍ଣା, ସୀମାଞ୍ଚଳ ପଣ୍ଡା, ନିରଞ୍ଜନ ନାୟକ, ରାଜକିଶୋର ସାହୁ ଉପସ୍ଥିତ ଥିଲେ।



ଶିବିରରେ ରକ୍ତଦାନ କରାଯାଉଛି।

## ଜଗଦଲପୁରରେ ଓଡ଼ିଶା ଦିବସ

ଜୟପୁର,୨।୪ (ଡି.ଏନ୍.ଏ.)

ପଡ଼ୋଶୀ ଛତିଶଗଡ଼ର ଜଗଦଲପୁର ସହରରେ ଉତ୍କଳ ସମାଜ ପକ୍ଷରୁ ସୋମବାର ଓଡ଼ିଶା ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜର ପୂର୍ବତନ ସଭାପତି ତ୍ରିଲୋଚନ ଦାଶ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନରେ ତତ୍କାଳୀନ ମହାପୁରୁଷମାନଙ୍କ ସ୍ମୃତିଚାରଣ କରିଥିଲେ। ଛତିଶଗଡ଼ ବର୍ତ୍ତମାନ ସେମାନଙ୍କ ରାଜ୍ୟ ହୋଇଥିଲେ ସୁଦ୍ଧା ପୂର୍ବପୁରୁଷଙ୍କ ରାଜ୍ୟ ପ୍ରତି ତାଙ୍କର ସମ୍ମାନ ରହିଥିବା ଉପସ୍ଥିତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜର ଶିଶୁ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଜଗଦଲପୁରରେ ୪ ହଜାର ଓଡ଼ିଆ ପରିବାର ରହିଛନ୍ତି। ଗତ ରବିବାର ସନ୍ଧ୍ୟାରେ ଏକ ଶୋଭାଯାତ୍ରାରେ ସମାଜର ସଦସ୍ୟମାନେ ସହର ପରିକ୍ରମା କରିଥିଲେ।

## ■ ରାସ୍ତାକଡ଼ରେ ଇଟାଭାଟି

# ଧୂଆଁ, ପ୍ରଦୂଷଣ ବଳୟରେ ପାରଳାଖେମୁଣ୍ଡି ସହର



ରାସ୍ତାପାର୍ଶ୍ୱରେ ଗଢ଼ିଉଠିଥିବା ଇଟାଭାଟି।

ପାରଳାଖେମୁଣ୍ଡି, ୨।୪ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଉପକଣ୍ଠ ରାଣୀପେଣ୍ଠ-ଗୁମ୍ମା ରାସ୍ତାରେ ଇଟାଭାଟିମାନ ଗଢିଉଠିଛି। ଏହି ଇଟାଭାଟିରୁ ଅନବରତ ଧୂଆଁ ବାହାରୁଥିବାରୁ ଏଥିଯୋଗୁ ପରିବେଶ ପ୍ରଦୂଷଣ ହେଉଛି। ଏଥିରେ ପାରଳାଖେମୁଣ୍ଡି ଭଳି ଏକ ପ୍ରାକୃତିକ ଅଞ୍ଚଳର ଶୋଭାରାଜି ନଷ୍ଟ ହେଉଛି। ରାସ୍ତାରୁ ମାତ୍ର କିଛି ମିଟର ଦୂରରେ ଏହି ଇଟାଭାଟିଗୁଡିକ ଗଢି ଉଠିଥିବାବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସର୍ବଶିକ୍ଷା ଅଭିଯାନର ପ୍ରବେଶ ଉତ୍ସବ

କୋରାପୁଟ/କାକିରିଗୁମ୍ମା,୨।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର କାକିରିଗୁମ୍ମାରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ୫ରୁ ୧୪ ବର୍ଷ ମଧରେ ଥିବା ସମସ୍ତ ବାଳିକା ବାଳକଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସେମାନଙ୍କ ଅଭିଭାବକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ କାକିରିଗୁମ୍ମା ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ସ୍ଥାନୀୟ ବଜାର ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ପ୍ରବେଶ ଉତ୍ସବ ଅବସରରେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରି ନାମ ଲେଖାଇବାକୁ ଅଭିଭାବକଙ୍କୁ ସଚେତନ କରାଯାଇଥିଲା।



ପ୍ରବେଶ ଉତ୍ସବ ଅବସରରେ ବାହାରିଥିବା ଶୋଭାଯାତ୍ରା।

## ■ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ କୁଢ଼କୁଢ଼ ରନ୍ଧାଖାଦ୍ୟ

# ପୂତିଗନ୍ଧମୟ ପରିବେଶରେ ଲୋକେ ଅତିଷ୍ଠ

ପାରଳାଖେମୁଣ୍ଡି,୨।୪ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଉପଜିଲାପାଳ ତଥା ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱସ୍ଥ ଏକ ନାଳରେ କୁଢ କୁଢ ରନ୍ଧାଖାଦ୍ୟ ଫୋପଡା ହେଉଛି। ଏସବୁ ଜମି ରହିବା ପଳରେ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଅଫିସକୁ ଆସୁଥିବା ଓ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି।

ପ୍ରକାଶ ଯେ, ଆଗକୁ ନିର୍ବାଚନ ଥିବାରୁ ଏହି କାର୍ଯ୍ୟାଳୟରେ ଜୋରଦାର କାମ ଚାଲିଛି। ନିର୍ବାଚନ କାର୍ଯ୍ୟ ପାଇଁ ଅଧିକ ସଂଖ୍ୟକ କର୍ମଚାରୀ ମଧ ନିୟୋଜିତ ହୋଇଛନ୍ତି। ସେମାନଙ୍କ ପାଇଁ ଜିଲା ନିର୍ବାଚନୀ ଅର୍ଥ ବ୍ୟବସ୍ଥାରେ ରନ୍ଧା ଖାଦ୍ୟ ପ୍ରସ୍ତୁତ ହେଉଛି। ଖାଦ୍ୟ ପ୍ରସ୍ତୁତି ବେଳେ ଭାଗମାପ ରହୁ ନ ଥିବାରୁ ପ୍ରତ୍ୟେକ ଦିନ ଫିଙ୍ଗା ହେଉଛି। ଏହା ସଫା କରାଯାଉ ନ ଥିବାରୁ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହି ସମସ୍ୟା ତୁରନ୍ତ ସମାଧାନ କରିବାକୁ ଦାବି ହେଉଛି। ସେହିଭଳି ବଳକା ଖାଦ୍ୟକୁ ନ ଫୋପାଡି ଗରିବଙ୍କ ମଧରେ ବାଣ୍ଟି ଦେଲେ ଭଲହୁଅନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଜମି ରହିଥିବା ରନ୍ଧାଖାଦ୍ୟ।


## Declaration about criminal cases by candidate

Name and address of candidate: Taraprasad Bahinipati, Name of political party: INDIAN NATIONAL CONGRESS
Name of Constituency: Jeypore, 143 Odisha Legislative Assembly
I Taraprasad Bahinipati (name of candidate), a candidate for the abovementioned election, declare for public information the following details about my criminal antecedents:

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of Court | Case No. and status of case | Section (s) of Acts concerned and brief description of offence(s) | Name of Court & date(s) of order (s) | Description of offence(s) & punishment imposed |
| 1 | SDJM, Jeypore | G.R – 630/ 2018 | Sec 500 of IPC | NOT APPLICABLE | NOT APPLICABLE |
| 2 | C.J.M. Jeypore | CT – 76/ 2017 (Hearing) | 147,148,448,336,337,323,427,186,436,332,149 of IPC (unlawful Assembly, simple hurt, Mischief by fire, Causing hurt or deter public servant from his duty.) | NOT APPLICABLE | NOT APPLICABLE |
| 3 | SDJM, Koraput | UC-709/2016 (appearance) | 427 of IPC (Mischief) | NOT APPLICABLE | NOT APPLICABLE |
| 4 | SDJM, Jeypore | GR 703/2006 (Hearing) | 143,283,149 IPC (Un lawful assembly, causing obstruction in public way) | NOT APPLICABLE | NOT APPLICABLE |
| 5 | SDJM, Koraput | GR 898/2015 (Appearance) | 427 of IPC (Mischief) | NOT APPLICABLE | NOT APPLICABLE |
| 6 | SDJM, Jeypore | GR-650/2015 (appearance) | 143,283,149 of IPC (unlawful Assembly, Causing obstruction in public way) | NOT APPLICABLE | NOT APPLICABLE |
| 7 | SDJM, Jeypore | GR-16/2014 (appearance) | 143,283,149 of IPC (unlawful Assembly, Causing obstruction in public way) | NOT APPLICABLE | NOT APPLICABLE |
| 8 | SDJM, Jeypore | GR-209/2014 (hearing) | 143,283,149 of IPC (unlawful Assembly, Causing obstruction in public way) | NOT APPLICABLE | NOT APPLICABLE |
| 9 | SDJM, Jeypore | GR-654/2013 (hearing) | 143,283,149 of IPC (unlawful Assembly, Causing obstruction in public way) | NOT APPLICABLE | NOT APPLICABLE |
| 10 | SDJM, Jeypore | GR – 637/ 2013 (hearing) | 143,283,149 of IPC (unlawful Assembly, Causing obstruction in public way) | NOT APPLICABLE | NOT APPLICABLE |
| 11 | SDJM, Jeypore | GR – 495/ 2012 (hearing) | 143,283,149 of IPC (unlawful Assembly, Causing obstruction in public way) | NOT APPLICABLE | NOT APPLICABLE |
| 12 | SDJM, Koraput | GR – 213/2011 (appearance) | 147, 148, 283,431, 341, 323, 435, 427, 294,506, 332, 337, 149 of IPC, rw-s 7 of CLA act. (Unlawful assembly, mischief by fire, threatening, wrongful restraining) | NOT APPLICABLE | NOT APPLICABLE |
| 13 | SDJM, Jeypore | ICC Case No. 197/2010 (stayed) | 147,157,158,341,500,149of IPC (Unlawful Assembly, wrongful restraint , defamation) | NOT APPLICABLE | NOT APPLICABLE |

Sd./-Taraprasad Bahinipati



## ପୂର୍ବ ତଟ ରେଳପଥ

### ବୈଦ୍ୟୁତିକ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-T-130ER ତା.29.03.2019ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ କୋରପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ଡୁମରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ (SSP) (ନୂଆ = 02 ଗୋଟି, ବୃଦ୍ଧିକରଣ = 01 ଗୋଟି), ସେକ୍ସନିଙ୍ଗ୍ ପୋଷ୍ଟ (ବୃଦ୍ଧିକରଣ = 01 ଗୋଟି) ର ଡିଜାଇନ୍ (Design), ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning) ତଥା ସଂପର୍କିତ PSI କାର୍ଯ୍ୟ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 313.21 ଲକ୍ଷ, EMD (ଟଙ୍କାରେ) : 3,06,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା. 24.04.2019 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ଖୋଲାଯିବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ-ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ), ବିଶାଖାପାଟଣା

PR-02/CC/19-20

# ପୁରୁଷଙ୍କ ତୁଳନାରେ ମହିଳା ଭୋଟର ଅଧିକ

ଜୟପୁର,୨।୪(ଡି.ଏନ୍.ଏ.)

କୋରାପୁଟ ଜିଲାରେ ପୁରୁଷଙ୍କ ଅପେକ୍ଷା ମହିଳା ମତଦାତାଙ୍କ ସଂଖ୍ୟା ଅଧିକ ରହିଛି। ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ୩୦ ହଜାର ୨୫୩ ଅଧିକ ରହିଛି। ଜିଲାରେ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି । ସେଥିମଧ୍ୟରୁ ଲକ୍ଷ୍ମୀପୁର, କୋଟପାଡ଼, ପଟ୍ଟାଙ୍ଗି ଅନୁସୂଚିତ ଜନଜାତି ଓ କୋରାପୁଟ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ । କେବଳ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅସଂରକ୍ଷିତ ରହିଛି।

୨୦୧୯ ମତଦାତା ତାଲିକା ଅନୁଯାୟୀ ଜିଲାରେ ସମୁଦାୟ ୯ ଲକ୍ଷ ୪୮ ହଜାର ୬୬୨ ଜଣ ମତଦାତା ରହିଛନ୍ତି। ଏଥିରେ ମହିଳା ମତଦାତା ୪ ଲକ୍ଷ ୮୯ ହଜାର ୪୧୨ ଓ ପୁରୁଷ ଭୋଟରଙ୍କ ସଂଖ୍ୟା ୪ ଲକ୍ଷ ୫୯ ହଜାର ୧୬୦ ଥିବାବେଳେ ଅନ୍ୟାନ୍ୟ ଭୋଟର ୯୦ ଜଣ ରହିଛନ୍ତି । ସେହିପରି ସମୁଦାୟ ମତଦାତାଙ୍କ ଅନୁପାତ ୬୪.୭୬ ପ୍ରତିଶତ ରହିଛି। ସେଥିରୁ ମହିଳାଙ୍କ ଅନୁପାତ

**କୋରାପୁଟ ଜିଲା**

୬୪.୮୬ ଏବଂ ପୁରୁଷଙ୍କ ୬୪.୬୮ ପ୍ରତିଶତ ରହିଛି। ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧ ଲକ୍ଷ ୬୮ ହଜାର ୭୩୪ ଜଣ ମତଦାତା ରହିଛନ୍ତି । ସେମାନଙ୍କ ମଧ୍ୟରୁ ମହିଳା ୮୮ ହଜାର ୯୪୪, ପୁରୁଷ ୭୯ ହଜାର ୭୭୯ ଜଣ ଏବଂ ୧୪ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ସେହିପରି କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧ଲକ୍ଷ ୯୯ ହଜାର ୫୧୧ଜଣ ମତଦାତା ରହିଛନ୍ତି । ଏଥିରେ ମହିଳା ୧ ଲକ୍ଷ ୨ ହଜାର ୬୪୫, ପୁରୁଷ ୯୬ ହଜାର ୮୪୫ ଏବଂ ଅନ୍ୟାନ୍ୟ ୨୧ ଜଣ ମତଦାତା ଅଛନ୍ତି। ଜୟପୁର ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ଲକ୍ଷ ୫ ହଜାର ୯୪୪ ଜଣ ଭୋଟର ରହିଛନ୍ତି । ଏମାନଙ୍କ ମଧ୍ୟରୁ ମହିଳା ୧ ଲକ୍ଷ ୫ ହଜାର ୫୩୮ ଜଣ, ପୁରୁଷ ୧ ଲକ୍ଷ ୩୬୮ ଜଣ ଏବଂ ୩୮ ଜଣ ଅନ୍ୟାନ୍ୟ ଅଛନ୍ତି। ସେହିପରି କୋରାପୁଟ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧ ଲକ୍ଷ ୮୬ ହଜାର ୨୨୫ ଜଣ ମତଦାତା ରହିଛନ୍ତି। ଏଥିରେ ମହିଳା ମତଦାତା ୯୪ ହଜାର ୯୮୩, ପୁରୁଷ ୯୧ ହଜାର ୨୩୦ ଜଣ ଏବଂ ୧୨ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟର ସଂଖ୍ୟା ୧ ଲକ୍ଷ ୮୮ ହଜାର ୨୪୮ ଜଣ ରହିଛନ୍ତି । ସେଥିରୁ ୯୭ ହଜାର ୩୦୨ ଜଣ ମହିଳା, ୯୦ ହଜାର ୯୪୧ ଜଣ ପୁରୁଷ ଓ ୫ ଜଣ ଅନ୍ୟ ଭୋଟର ରହିଛନ୍ତି।

## ପ୍ରତିଶ୍ରୁତି ଦେଲେ, ଭୋଟ୍ ମାଗିଲେ ସ୍ୱାଧୀନ ପ୍ରାର୍ଥୀ



ହାଟପଦାରେ ଅନୁଷ୍ଠିତ ସଭାରେ ପ୍ରଚାର କରୁଛନ୍ତି ସ୍ୱାଧୀନ ପ୍ରାର୍ଥୀ ।

ସେମିଳିଗୁଡ଼ା,୨।୪(ସ୍ୱ.ପ୍ର.)

ପଟ୍ଟାଙ୍ଗି ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଚୈତନ୍ୟ ନନ୍ଦିବାଲି ମଙ୍ଗଳବାର ଦୁଇଟି ନିର୍ବାଚନୀ ପ୍ରଚାର ସଭାରେ ଯୋଗ ଦେଇଛନ୍ତି। ସେମିଳିଗୁଡ଼ା ବ୍ଲକ ଦଳେଇଗୁଡ଼ା ପଞ୍ଚାୟତ ମାଳି ଡୋଲିଆମ୍ବ ଗ୍ରାମରେ ମାଳି, ଦୋରା ଓ କମାର ସମାଜକୁ ନେଇ ଏକ ସାଧାରଣ ସଭା ହୋଇଥିବା ବେଳେ ଏହାପରେ ପାଡୁଆ ହାଟପଦାରେ ଦୋରା ସମାଜକୁ ସଭା ହୋଇଥିଲା। ଏହି ସଭାରେ ଚୈତନ୍ୟ ନନ୍ଦିବାଲି ମାଳି, ଦୋରା, ରଣା, ପାଇକ, ଧୁଳିଆ ଏବଂ କମାର ସମାଜକୁ ସମ୍ବୋଧିତ କରି ଭୋଟ୍ ନିବେଦନ କରିଛନ୍ତି। ଅଞ୍ଚଳ ଓ ସମାଜର ସାମୂହିକ ବିକାଶ, ଶିକ୍ଷା, ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ରହୁଥିବା ଅଧିବାସୀଙ୍କୁ ଆଦିବାସୀ ମାନ୍ୟତା ଦିଗରେ କାର୍ଯ୍ୟ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଶଙ୍ଖ ଧରିଲେ ସୀତାରାମ



ପୁରୁଷୋତ୍ତମପୁର,୨।୪(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ଯୁବନେତା ତଥା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ସୀତାରାମ ପାଣିଗ୍ରାହୀ ସୋମବାର ସନ୍ଧ୍ୟାରେ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବାପରେ ମଙ୍ଗଳବାର ଶଙ୍ଖ ଧରିଛନ୍ତି। ନବୀନ ନିବାସ ଯାଇ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବହୁ ସମର୍ଥକଙ୍କ ସହ ସୀତାରାମ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥୀ ଲତିକା ପ୍ରଧାନ, ପୁରୁଷୋତ୍ତମପୁର ବ୍ଲକ ବିଜେଡି ସଭାପତି ଦିଗାମ୍ବର ପାଣିଗ୍ରାହୀ, ବିଜେଡି ନେତା ଦୈତାରୀ ବେହେରାଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। କବିସୂର୍ଯ୍ୟନଗର ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୀତାରାମ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ସୀତାରାମଙ୍କ ବିଜେଡିରେ ଯୋଗଦାନ ଅଞ୍ଚଳରେ ଦଳକୁ ମଜଭୁତ କରିବ ବୋଲି ବ୍ଲକ ବିଜେଡି ସଭାପତି ପାଣିଗ୍ରାହୀ କହିଛନ୍ତି।

■ ଲକ୍ଷ୍ମୀପୁରରେ ବିଜୟ ସଙ୍କଳ୍ପ ସମାବେଶ

## ଭାଜପା ପ୍ରାର୍ଥୀ ଜିତିଲେ ଅଞ୍ଚଳର ବିକାଶ ହେବ: ଧର୍ମେନ୍ଦ୍ର




ଭାଜପାର ବିଜୟ ସଂକଳ୍ପ ସମାବେଶରେ ବକ୍ତବ୍ୟ ରଖୁଛନ୍ତି ଧର୍ମେନ୍ଦ୍ର ପ୍ରଧାନ ।

ଲକ୍ଷ୍ମୀପୁର,୨।୪

କୋରାପୁଟ ଜିଲା ଲକ୍ଷ୍ମୀପୁରଠାରେ ମଙ୍ଗଳବାର ଭାଜପାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକ ଯଥା– ଲକ୍ଷ୍ମୀପୁର, ଦଶମନ୍ତପୁର, ବନ୍ଧୁଗାଁ ଓ ନାରାୟଣପାଟଣା ଅଞ୍ଚଳର ୧୦ ହଜାରରୁ ଅଧିକ କର୍ମୀ ଯୋଗ ଦେଇଥିଲେ। ଉକ୍ତ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଏସ୍ଏଫ୍ କ୍ୟାମ୍ପ ହେଲିପ୍ୟାଡ୍‌ରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ବ୍ଲକ ପଡିଆର ମଞ୍ଚ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା। ଉକ୍ତ ସଭାରେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କ ଯୋଜନା ସହ ୧୯ ବର୍ଷର ବିଜେଡି ସରକାରଙ୍କ ବିଫଳତା ବଖାଣିଥିଲେ। କେତେକ ନିର୍ଦ୍ଦିଷ୍ଟ ଲୋକ ପ୍ରତିନିଧି ଖଣି ମାଫିଆ ସାଜି ଲକ୍ଷ୍ମୀପୁର ଅଞ୍ଚଳର କୋଡିଙ୍ଗାମାଳି ବକ୍ସାଇଟ୍ ଖଣି ଅଞ୍ଚଳର କୋଟି କୋଟି ଟଙ୍କା ହଡ଼ପ କରିଛନ୍ତି ବୋଲି ସେ ଇଙ୍ଗିତ କରି କହିଥିଲେ। ରାଜ୍ୟ ଓ କେନ୍ଦ୍ରରେ ଭାଜପାକୁ ପୂର୍ଣ୍ଣ ସମର୍ଥନ ଦେଇ ଏହି ସାଧାରଣ ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ଜୟରାମ ପାଙ୍ଗି ଓ ଲକ୍ଷ୍ମୀପୁର ବିଧାୟକ ପ୍ରାର୍ଥୀ କୁମୁଦ ସାଉନ୍ତାଙ୍କୁ ଜିତାଇଲେ ଏହି ଅଞ୍ଚଳର ସମସ୍ୟାଗୁଡ଼ିକର ସମାଧାନ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଉକ୍ତ ସଭାରେ ଜିଲା ସଭାପତି ବିଜୟ ମିଶ୍ର, ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳ ପ୍ରଭାରୀ ଅଶ୍ୱିନ ପଟ୍ଟନାୟକ, ରାଜ୍ୟ ଓବିସି ସେଲ୍ ଉପସଭାପତି ନକୁଳ ବିଶୋଇ, ପଡ଼ାଗଡ଼ ମଣ୍ଡଳ ସଭାପତି ଟଙ୍କଧର ପଟ୍ଟନାୟକ, ଉପସଭାପତି ରବି ପାଢ଼ୀ, ଦଶମନ୍ତପୁର ମଣ୍ଡଳ ସଭାପତି ଦର୍ଶନ ମୁଦୁଲି, କାକିରିଗୁମ୍ମା ମଣ୍ଡଳ ସଭାପତି ଟଙ୍କଧର ସାହୁ, ଲକ୍ଷ୍ମୀପୁର ମଣ୍ଡଳ ସଭାପତି ସାପୁରା ହିକ୍‌କା, ନାରାୟଣପାଟଣା ମଣ୍ଡଳ ସଭାପତି ରମେଶ ଦାଶ, ବନ୍ଧୁଗାଁ ମଣ୍ଡଳ ସଭାପତି ଟୋପିଟାଟ୍ ବାରିଆ, ତୟାପୁଟ ସରପଞ୍ଚ ଉଦୟ ହିକ୍‌କା, ଅନନ୍ତ ହିକ୍‌କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ମୋହନା ନିର୍ବାଚନମଣ୍ଡଳୀ

## ଏଥର ବିଜେଡି–କଂଗ୍ରେସ ଟକ୍କର

ପାରଳାଖେମୁଣ୍ଡି, ୨।୪ (ସ୍ୱ.ପ୍ର.)

ଗଜପତି ଜିଲା ମୋହନା ନିର୍ବାଚନମଣ୍ଡଳୀର ଭାଜପା ନେତା ତଥା ପୂର୍ବତନ ବିଧାୟକ ଭରତ ପାଇକ ସୋମବାର ନବୀନ ନିବାସରେ ବିଜେଡିରେ ମିଶିଛନ୍ତି। ମୋହନା ନିର୍ବାଚନମଣ୍ଡଳୀରେ ଭରତଙ୍କ ଖାତିର ରହିଥିବା ହେତୁ ଏହା ବିଜେଡି ପାଇଁ ଲାଭଦାୟକ ହେବ ବୋଲି ଚର୍ଚ୍ଚା ହେଉଛି। କଂଗ୍ରେସ ଦାଶରଥୀ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଛି। ଗତ ନିର୍ବାଚନରେ ଦାଶରଥୀ ଅଳ୍ପ କିଛି ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ବାସନ୍ତୀ ମଲ୍ଲିକଙ୍କଠାରୁ ହାରିଥିଲେ। ଏଣେ ଭାଜପା ଚଳିତ ନିର୍ବାଚନ ପାଇଁ ପ୍ରଶାନ୍ତ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ଯେ କି ଭାଜପା ପାଇଁ ନୂଆ ମୁହଁ। ଏଥର ମୋହନା ନିର୍ବାଚନମଣ୍ଡଳୀରେ ବିଜେଡି–କଂଗ୍ରେସ ମଧ୍ୟରେ ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି।

ପୂର୍ବତନ ଭାଜପା ନେତା ଭରତ ପାଇକଙ୍କ ପତିଆରା ମୋହନା ନିର୍ବାଚନମଣ୍ଡଳୀରେ ରହିଛି। ଦୀର୍ଘ ଦଶନ୍ଧି ଧରି ସେ ଭାଜପାର ଜଣେ ସକ୍ରୀୟ ଓ ବିଶ୍ୱସ୍ତ କର୍ମୀ ଭାବେ ଦଳ ପାଇଁ କାମ କରି ଆସୁଥିଲେ। ୨୦୦୪ରେ ଭରତ ମୋହନା ବିଧାୟକ ଭାବେ ଭାଜପାରୁ ଜିତିଥିଲେ। ଏହାପରେ ୨୦୦୯ରେ ତାଙ୍କୁ ବ୍ରହ୍ମପୁର ଲୋକସଭା ଆସନରୁ ଟିକେଟ ମିଳିଥିଲେ ମଧ୍ୟ ସେ ପରାସ୍ତ ହୋଇଥିଲେ। ୨୦୧୪ରେ ଭରତଙ୍କୁ ପୁଣିଥରେ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀରୁ ଟିକେଟ ମିଳିଥିଲା। କିନ୍ତୁ ସେ ପରାସ୍ତ ହୋଇଥିଲେ। ଚଳିତ ନିର୍ବାଚନରେ ଦଳ ତାଙ୍କ ଉପରୁ ଆସ୍ଥା ହରାଇ ପ୍ରଶାନ୍ତ ମଲିକଙ୍କୁ ଭାଜପା ପ୍ରାର୍ଥୀ କରିଥିଲା। ତେଣୁ ଭରତ ଦଳ ଛାଡି ଥିଲେ। ଏଥର ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ମୋହନା ନିର୍ବାଚନ ମଣ୍ଡଳୀରୁ ତାଙ୍କର ନାମାଙ୍କନ କରିଥିଲେ ମଧ୍ୟ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ଭରତ ଦଳରେ ସାମିଲ ହେବା ପରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ପୂର୍ଣ୍ଣବାସୀ ନାୟକଙ୍କ ବିଜୟ ରାସ୍ତା କିଛିଟା ସୁଗମ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କଂଗ୍ରେସର ଦାଶରଥୀ ଗମାଙ୍ଗ ଗତ ନିର୍ବାଚନରେ ମାତ୍ର ୧୧୫ ଖଣ୍ଡ ଭୋଟରେ ବିଜେଡି ବିଧାୟକଙ୍କଠାରୁ ପରାସ୍ତ ହୋଇଥିଲେ। ଚଳିତ ନିର୍ବାଚନରେ ପୁଣିଥରେ ବିଜେଡି–କଂଗ୍ରେସ ମଧ୍ୟରେ ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି।

■ ପାଲିଗୁଡ଼ାରେ ମାଓବାଦୀ ବ୍ୟାନର

## ଭୋଟ ବର୍ଜନ ଚେତାବନୀ



ଜବତ ହୋଇଥିବା ବ୍ୟାନର ।

ଜୟପୁର,୨।୪(ଡି.ଏନ୍.ଏ.)

ଜୟପୁର ସଦରଥାନାର ବାଲିଆ ପଞ୍ଚାୟତ ପାଲିଗୁଡ଼ା ଛକର ଏକ ବରଗଛରେ ମାଓବାଦୀଙ୍କ ନାମରେ ଏକ ଲାଲ କପଡ଼ାର ବ୍ୟାନର ଟଙ୍ଗାଯାଇଛି । ଏଥିରେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଆହ୍ୱାନ କରାଯାଇଥିବା ବେଳେ ପୂର୍ବ ସୂଚିତ ଅପରାଧୀମାନଙ୍କୁ ହତ୍ୟା କରାଯିବ ବୋଲି ଚେତାବନୀ ଦିଆଯାଇଛି । ସେହିପରି ଏଥିରେ ଗୁମ୍ମା ମାଓବାଦୀ ଡିଭିଜନର ନାମ ଉଲ୍ଲେଖ ରହିଛି । ଏନେଇ ସଦରଥାନା ପୋଲିସ ସୂଚନା ପାଇବା ପରେ ବ୍ୟାନର ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ସେହିପରି ଜୟପୁର ସଦରଥାନା ଅଞ୍ଚଳ କିମ୍ବା ଏହାର ଆଖପାଖ ମାଓବାଦୀଙ୍କ ଦ୍ୱାରା ପ୍ରଭାବିତ ନ ଥିବା ଯୋଗୁଁ ଏହିପରି ବ୍ୟାନରର ସତ୍ୟାସତ୍ୟ ଏବେ ସନ୍ଦେହ ସୃଷ୍ଟି କରିଛି। ଏନେଇ ତଦନ୍ତ ଚାଲିଥିବା ଜୟପୁର ଏସ୍‌ଡିପିଓ ସାଗରିକା ନାଥ କହିଛନ୍ତି।

## ସବୁ ଦଳ ଟାର୍ଗେଟରେ ବୋରିଗୁମ୍ମା

■ ଜୟପୁର ଆସନ ପାଇଁ ନିର୍ଣ୍ଣାୟକ ଭୂମିକା ନେବେ ସ୍ଥାନୀୟ ଭୋଟର

ଜୟପୁର,୨।୪(ନି.ପ୍ର.)

ନିର୍ବାଚନ ବୈତରଣୀ ପାର ହେବା ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରତିଶ୍ରୁତିରୁ ସୁଅ ଛୁଟୁଛି। ସଭା, ସମାବେଶ, ଗୁପ୍ତ ବୈଠକ ସାଙ୍ଗକୁ ମନଛୁଆଁ ଗୀତ ଲହରରେ ଚାଲିଛି ପ୍ରଚାର। ଏ କ୍ଷେତ୍ରରେ ଜୟପୁର ନିର୍ବାଚନ ମଣ୍ଡଳୀ ମଧ୍ୟ ପଛରେ ପଡ଼ିନାହିଁ। ସବୁଦଳର ପ୍ରାର୍ଥୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପୁରା ଦମ୍‌ରେ ଲାଗିପଡ଼ିଛନ୍ତି । ଖରାକୁ ଖାତିର ନକରି ପ୍ରାର୍ଥୀମାନେ ପ୍ରଚାର ଚଳାଇଛନ୍ତି । ଭୋଟରକୁ ମନାଇବା ପାଇଁ ବିଭିନ୍ନ ଦଳ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଖୋଲାଯାଇଛି ଅସ୍ଥାୟୀ କାର୍ଯ୍ୟାଳୟ। ଜୟପୁର ବିଧାନସଭା ଆସନ ନିଜ ଅକ୍ତିଆରରେ ରଖିବା ପାଇଁ ସମସ୍ତେ ବିଭିନ୍ନ ରଣ କୌଶଳ ଅବଲମ୍ବନ କରୁଛନ୍ତି। ବିଶେଷ କରି ଏହି ନିର୍ବାଚନ ମଣ୍ଡଳୀରେ ବୋରିଗୁମ୍ମା ବ୍ଲକର ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ବେଳେ ଏବେ ସମସ୍ତ ପ୍ରାର୍ଥୀଙ୍କ ନଜର ଏହି ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇଛି। ସକାଳ ହେବା ମାତ୍ରେ ପ୍ରାର୍ଥୀମାନେ ନିଜ ସମର୍ଥକଙ୍କୁ ଧରି ମଇଦାନକୁ ବାହାରି ଯାଉଛନ୍ତି। ଦଳୀୟ ସଙ୍କେତରେ ସୁସଜ୍ଜିତ ଗାଡ଼ିରେ ଆଧୁନିକ ସଙ୍ଗୀତ ଲଗାଇ ପ୍ରଚାର କରାଯାଉଛି। ବିଜେଡିର ରବିନାରାୟଣ ନନ୍ଦ, କଂଗ୍ରେସର ତାରାପ୍ରସାଦ ବାହିନୀପତି ଓ ଭାଜପା ପ୍ରାର୍ଥୀ ଗୌତମ ସାମନ୍ତରାୟ, ବିଏସ୍‌ପିର କୃଷ୍ଣ ସଗରିଆ ବିଭିନ୍ନ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଭୋଟରଙ୍କୁ ପ୍ରଲୋଭନ କରୁଛନ୍ତି। ଜୟପୁର ସହରରେ ପ୍ରଚାର ସେତେ ଜୋର ଧରି ନ ଥିବାବେଳେ ଗ୍ରାମାଞ୍ଚଳରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ନେତାମାନେ ଆକାଶଛୁଆଁ ପ୍ରତିଶ୍ରୁତି ଦେବା ଆରମ୍ଭ କରିଛନ୍ତି । ଆଗାମୀ ଦିନରେ ବିଜେଡି, ଭାଜପା ଓ କଂଗ୍ରେସର ପ୍ରଚାର ପାଇଁ ଷ୍ଟାର କ୍ୟାମ୍ପେନର ଆସିବାର କାର୍ଯ୍ୟକ୍ରମ ରହିଛି।

## ଭାଜପାରୁ ଇସ୍ତଫା ଦେଲେ ଘାସିରାମ ସୁପିଆ

ସେମିଳିଗୁଡ଼ା,୨।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଦଳେଇଗୁଡ଼ା ପଞ୍ଚାୟତ କାଡ଼ାମଗୁଡ଼ାର ଘାସିରାମ ସୁପିଆ ମଙ୍ଗଳବାର ଭାଜପା ଦଳର କାର୍ଯ୍ୟକଳାପ ଶୃଙ୍ଖଳିତ ନଥିବା କହି ଦଳ ଛାଡ଼ିଛନ୍ତି। ସେ ଭାଜପାର ପ୍ରଥମ କର୍ମୀ ଓ ସେମିଳିଗୁଡ଼ା ବ୍ଲକ ମଣ୍ଡଳ ସଭାପତି ପଦ ଛାଡ଼ିଛନ୍ତି। ଘାସିରାମ କହିଛନ୍ତି ମୁଁ ଦଳରେ ୨୫ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ଏବେ ଆଦିବାସୀଙ୍କୁ ଦଳରେ କୌଣସି ସମ୍ମାନ ଦିଆଯାଉ ନାହିଁ। ତେଣୁ ସେ ଜିଲା ସଭାପତିଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ସେ ଅନ୍ୟ ଦଳରେ ସାମିଲ ହୋଇପାରନ୍ତି।

## ହାଟପଦାରେ କଂଗ୍ରେସର କର୍ମୀ ସମ୍ମିଳନୀ

■ ଦଳରେ ମିଶିଲେ ବିଜେଡି ନେତା ହୃଷୀକେଶ ବିଶୋୟୀ



କଂଗ୍ରେସ କର୍ମୀ ସମ୍ମିଳନୀରେ ଦଳୀୟ ପ୍ରଚାର ଚାଲିଛି ।

ଦଶମନ୍ତପୁର, ୨।୪(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ହାଟପଦାରେ ସ୍ଥାନୀୟ ସରପଞ୍ଚ ଧନପତି ମୁଦୁଲିଙ୍କ ଅଧ୍ୟକ୍ଷତାରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଭାସ୍ଥଳକୁ କଂଗ୍ରେସ ବିଧାୟକ ପ୍ରାର୍ଥୀ କୈଳାସ ଚନ୍ଦ୍ର କୁଲେସିକା ଏକ ଶୋଭାଯାତ୍ରାରେ ପହଞ୍ଚିଥିଲେ। ଦଳକୁ ନିର୍ବାଚନରେ ବିଜୟୀ କରିବାକୁ ହେଲେ କର୍ମୀଙ୍କ ସହଯୋଗ ଲୋଡା ବୋଲି କୈଳାସ ଉଦ୍‌ବୋଧନ ଦେଇଥିଲେ। କର୍ମୀଙ୍କ ଦୃଢ ମନୋବଳ ଓ ସେମାନଙ୍କ ମଧ୍ୟରେ ଏକତା ରହିଲେ ହିଁ ଦଳ ଆଗାମୀ ନିର୍ବାଚନରେ ଜିତି ପାରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ୍, ବରିଷ୍ଠ ନେତା ତ୍ରିନାଥ ବିଶୋୟୀ ମଞ୍ଚାସୀନ ଥିଲେ। ଏଥିରେ ଲୁଲ୍ଲା ପଞ୍ଚାୟତର ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ମଙ୍ଗଳବାର ଠେଲାପଦର ଗାଁର ବିଜେଡିର ଜଣେ ଟାଣୁଆ ନେତା ହୃଷିକେଶ ବିଶୋୟୀ କଂଗ୍ରେସରେ ମିଶିଛନ୍ତି। ବିଧାୟକ ପ୍ରାର୍ଥୀ କୈଳାସ ଶତାଧିକ ଦଳୀୟ କର୍ମୀଙ୍କ ସହ ହୃଷିକେଶଙ୍କ ଘରକୁ ଯାଇ ତାଙ୍କୁ ଦଳରେ ସାମିଲ କରାଇଛନ୍ତି। ହୃଷିକେଶ କଂଗ୍ରେସରେ ମିଶିବା ପରେ ତାଙ୍କ ସମର୍ଥକମାନେ ମଧ୍ୟ କଂଗେସରେ ମିଶିଛନ୍ତି।

## କଂଗ୍ରେସ ଗଡ଼ ହାତେଇବାକୁ ବିଜେଡି ପ୍ରସ୍ତୁତ

କୁନ୍ଦୁରା,୨।୪(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ଫୁପୁଗାଁ ପଞ୍ଚାୟତ ଉପକଣ୍ଠ ସ୍ଥିତ ଦେବତାପଦରରେ ବିଜୁ ଜନତା ଦଳର ଲୋକସଭା ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି ଓ ବିଧାୟକ ପ୍ରାର୍ଥୀ ପଦ୍ମିନୀ ଦିଆନ ନିର୍ବାଚନୀ ପ୍ରଚାର କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଜନ ସମାବେଶରେ ଜିଲା ଉପସଭାପତି ସଞ୍ଜୟ ସାହୁ, ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକ, ଯୁବ ସଭାପତି ରମାକାନ୍ତ ମିଶ୍ର, କୋଟପାଡ଼ ନଗର ସଭାପତି ସତୀ ସାବିତ୍ରୀ ମାଝି, ପ୍ରଦୀପ ନାୟକ, ମନବୋଧ ହରିଜନ ଯୋଗ ଦେଇଥିଲେ। କୁନ୍ଦୁରା ବ୍ଲକର ବର୍ତ୍ତମାନର ବିଧାୟିକା ପ୍ରାର୍ଥୀ ୫ ବର୍ଷ ହେବ ଲୋକଙ୍କ ସୁଖଦୁଃଖରେ ରହିଥିବା କହିଛନ୍ତି। ସମାବେଶରେ ପୂର୍ବାପେକ୍ଷା କର୍ମୀଙ୍କ ଅଧିକ ଯୋଗଦାନ ମଧ୍ୟ ଦେଖିବାକୁ ମିଳିଛି। ବର୍ତ୍ତମାନ ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ୩ ଜଣ ଟାଣୁଆ ନେତା କଂଗ୍ରେସର ପ୍ରଦୀପ ମାଝି, ଭାଜପାର ବଳଭଦ୍ର ମାଝି ଓ ବିଜେଡିର ରମେଶ ଚନ୍ଦ୍ର ମାଝି ରହିଛନ୍ତି। ସେହିପରି ବିଧାନସଭା କ୍ଷେତ୍ରରେ ବିଧାୟକ ପ୍ରାର୍ଥୀ କଂଗ୍ରେସର ଚନ୍ଦ୍ରଶେଖର ମାଝି, ଭାଜପାର ଖଗେଶ୍ୱର ପୂଜାରୀ ଏବଂ ବିଜେଡିର ପଦ୍ମିନୀ ଦିଆନ ପ୍ରତିଦ୍ୱନ୍ଦ୍ୱୀ ଭାବେ ଅଛନ୍ତି। ସବୁ ପ୍ରାର୍ଥୀଙ୍କ ନଜର ଏବେ ଭୋଟରଙ୍କ ଉପରେ। ବର୍ତ୍ତମାନ ବିଧାନସଭା ଅଧୀନରେ ରହିଥିବା କୋଟପାଡ଼, କୁନ୍ଦୁରା, ବୋରିଗୁମ୍ମା ଏବଂ ବୈପାରୀଗୁଡ଼ାରେ ଦୀର୍ଘ ଦିନ ଧରି ଗଡ଼ କରିଥିବା କଂଗ୍ରେସ ଦଳକୁ ଚେକ୍ ଦେଇ ବିଜୁ ଜନତା ଦଳ ବାଜିମାତ୍ କରିବା ଆଶାରେ ରହିଛି। ଦୀର୍ଘଦିନ ଧରି କୋଟପାଡ଼ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ନିଜ ପତିଆରା ବଜାୟ ରଖଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ ଯୋଜନାର ସୁବିଧା ପାଇପାରୁ ନ ଥିବା ଏମ୍‌ପି ପ୍ରାର୍ଥୀ କହିଛନ୍ତି। ସେହିଭଳି ଭାବେ ଦୀର୍ଘ ୩୦/୪୦ ବର୍ଷେ କଂଗ୍ରେସ ଦଳ ଏଠାରେ ଶାସନ କରିଆସୁଥିଲେ ସୁଦ୍ଧା କୌଣସି ପ୍ରକାରର ଆଖିଦୃଶିଆ ପ୍ରକଳ୍ପ କରାଯାଇ ପାରିନାହିଁ। ତେଣୁ ଚଳିତ ଥର ବିଜୁ ଜନତା ଦଳକୁ ଏଠାରେ ସୁଯୋଗ ଦେବା ପାଇଁ ସମାବେଶରେ ଉପସ୍ଥିତ ଲୋକଙ୍କୁ ନିବେଦନ କରିଥିଲେ ପ୍ରାର୍ଥୀ।

**ଦେବତାପଦରରୁ ପ୍ରଚାରର ଶୁଭାରମ୍ଭ**



ବିଜେଡିର ଜନସମାବେଶକୁ ସମ୍ବୋଧିତ କରୁଛନ୍ତି ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ରମେଶ ମାଝି ।

## ସଂକ୍ଷେପରେ



### ୨୧ତମ ପ୍ରତିଷ୍ଠା ଉତ୍ସବ ପାଳିତ

**ଗୁଣପୁର,୨।୪(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରଠାରେ ଥିବା ଓମ ସାଇ ଟେଲରିଂ ଟ୍ରେନିଙ୍ଗ ସେଣ୍ଟରର ୨୧ ତମ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଷା ଇଣ୍ଟର ନ୍ୟାଶନାଲ ଲିମିଟେଡର ପ୍ରଭାତୀ ଖୁଣ୍ଟିଆ ମୁଖ୍ୟଅତିଥି, ସାମାଜିକ କର୍ମୀ ଅମ୍ବିକାରାଣୀ ମହାପାତ୍ର ବକ୍ତା, ସଂଘମିତ୍ରା ଅଧିକାରୀ,ପ୍ରଭାତ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଆତ୍ମନିର୍ଭରଶୀଳ ହୋଇ ସ୍ୱାବଲମ୍ବି ହେବାକୁ ଏହା ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ । ଆଧୁନିକ ଫ୍ୟାଶନ ଡିଜାଇନ ଦ୍ୱାରା ନିଜର ଦକ୍ଷତା ପ୍ରଦର୍ଶନ କରିବା ଉପରେ ଜୋର ଦିଆଯାଇଥିଲା । ଶେଷରେ ଫ୍ୟାଶନ ଡିଜାଇନକୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୨ ଜଣ ଯୋଗ ଦେଇଥିଲେ । ଭି.ସରନ୍ୟା ପ୍ରଥମ ହୋଇଥିବାବେଳେ ପିଙ୍କିରାଣୀ ମଣ୍ଡଳ ୨ୟ ହୋଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ରଞ୍ଜିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଅଗ୍ନିକାଣ୍ଡରେ ୫ ବଖରା ଜଳିଗଲା

**ଆର.ଉଦୟଗିରି, ୨।୪ (ଡି.ଏନ.ଏ.):** ନୂଆଗଡ଼ ବ୍ଲକ ଅନ୍ତର୍ଗତ ବେତରସିଂ ମାଲବା ଗ୍ରାମରେ ସୋମବାର ପ୍ରବଳ ବେଗରେ ପବନ ହେବାରୁ ବିଦ୍ୟୁତ୍ ତାରରୁ ନିଆଁ ବାହାରି ୫ ଜଣଙ୍କ ଘର ଜଳିଯାଇଛି। ଏଥିରେ ଆସବାବପତ୍ର ଓ ଖାଦ୍ୟଶସ୍ୟ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ମାନେ ହେଲେ ଦୟାନିଧି ପ୍ରଧାନ, ଭୀମସେନ ରଇତ, ବଡ଼ଭୁଇଁଆ ରଇତ, ସାନଭୁଇଁଆ ରଇତ, କୁମୁଦ ଦେବ କାର୍ଜୀ। ଆର.ଉଦୟଗିରି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ଏସ୍‌ଡିସି ସଭ୍ୟ କ୍ଷତିଗ୍ରସ୍ତ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ଅନ୍ୟଜଣ ବ୍ୟକ୍ତି ଅନ୍ତର୍ଯ୍ୟାମୀ ପ୍ରଧାନ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ରନ୍ଧା ଖାଦ୍ୟ ପାଇଁ ୨ ହଜାର ଟଙ୍କା ଦେବା ସହ ନୂଆଗଡ଼ ତହସିଲଦାର ପ୍ରଫୁଲ୍ଲ କୁମାର ମୁର୍ମୁ ପଲିଥିନ ପ୍ରଦାନ କରିଥିଲେ । ଏହାର ତଦନ୍ତ ରିପୋର୍ଟ ଆସିଲା ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ମୁର୍ମୁ କହିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଶାଙ୍କ ଶେଖର ସୁବୁଦ୍ଧି ଓ ଆର୍‌ଆଇ ଉପସ୍ଥିତ ଥିଲେ।

### ସ୍ୱାଧୀନ ପ୍ରାର୍ଥୀ ଆମ୍‌ସନ୍‌ଙ୍କ ପ୍ରଚାର

**ମୋହନା,୨।୪(ଡି.ଏନ୍.ଏ.):** ମୋହନା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଆମସନ୍ ମଲିକଙ୍କୁ ମିଳିଛି ମାଠିଆ ଚିହ୍ନ। ମଙ୍ଗଳବାର ଆମ୍‌ସନ୍ ଗୁଣ୍ଡିମା ଠାରେ ବହୁ ସମର୍ଥକଙ୍କ ସହ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ସେଠାରୁ ଯାଇ ମୋହନା ଷ୍ଟେଟ୍ ବ୍ୟାଙ୍କ ନିକଟରେ ଦଳିୟ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ସାମ୍‌ସନ୍ ଜଣେ ସାମାଜିକକର୍ମୀ ଭାବେ ଅଞ୍ଚଳରେ ପରିଚିତ। ରା.ଉଦୟଗିରି ହାଇସ୍କୁଲ ଠାରୁ ସାପ୍ତାହିକ ହାଟ ପର୍ଯ୍ୟନ୍ତ ବହୁ ସମର୍ଥକଙ୍କ ସହ ରୋଡ ସୋ କରିଥିଲେ। ଅଡବା ଠାରେ ମଧ ପ୍ରଚାର କରିଛନ୍ତି। ଏଥିରେ ବରିଷ୍ଠ ନେତା ଥୋମାସ ମାଇକେଲ, ରବି ରତନ, ପ୍ରକାଶ ନାୟକ, ବାଡିଶା ମାଝୀ, ରୁଟୁ ମଲିକ, ଦେବାନନ୍ଦ ନାୟକ, ପିତର ମଲିକ, ଦୁତି ଶବର, ଅଭେଦ ଗମାଙ୍ଗ, ମିଶ୍ର ମାଝୀଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ଥିଲେ।

### ବାର୍‌ହା ଆକ୍ରମଣରେ ବୃଦ୍ଧା ଗୁରୁତର

**ଆସିକା,୨।୪(ଡି.ଏନ୍.ଏ.):** ଗାଙ୍ଗପୁର ଥାନା ଲୁଣିପଡା ଶାସନ ଗ୍ରାମରେ ମଙ୍ଗଳବାର ଭୋର ୫ଟାରେ ବାର୍‌ହା ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସେହି ଗ୍ରାମର ସତ୍ୟଭାମା ଗୌଡ (୭୦)। ବୃଦ୍ଧା ଜଣକ ସ୍ନାନଶୌଚ ଲାଗି ଗ୍ରାମ ଉପକଣ୍ଠରେ ଥିବା ଦିପ୍ତୀ ପୋଖରୀକୁ ଯାଉଥିବାବେଳେ ବାରହା ପଲ ହାବୁଡରେ ପଡିଯାଇଥିଲେ। ବାର୍‌ହା ତାଙ୍କ ଡାହାଣ ଗୋଡକୁ କାମୁଡି ଧରିଥିଲା। ସେହି ରାସ୍ତାରେ ଆସୁଥିବା ଲୋକଙ୍କ ପାଟି ଶୁଣି ବାର୍‌ହା ବୃଦ୍ଧାଙ୍କୁ ଛାଡି ଚାଲିଯାଇଥିଲା।

## କାଶୀପୁରରେ ବିଜୟ ସଂକଳ୍ପ ସମାବେଶ

# ଭାଜପା ସରକାର ଆସିଲେ ରାଜ୍ୟର ହେବ ବିକାଶ

**କାଶୀପୁର,୨।୪(ଡ଼ି.ଏନ.ଏ)**

ଓଡ଼ିଶାବାସୀ ଏବେ ପରିବର୍ତ୍ତନ ଚାହୁଁଛନ୍ତି । କେନ୍ଦ୍ରରେ ମୋଦି ସରକାର ଓ ଓଡ଼ିଶାରେ ଭାଜପା ସରକାର ପ୍ରତିଷ୍ଠା ହେଲେ ରାଜ୍ୟର ବିକାଶ ହେବ । ଡବଲ ଇଞ୍ଜିନ ବାଲା ସରକାରର ଆବଶ୍ୟକତା ରହିଛି । ମଙ୍ଗଳବାର ରାୟଗଡ଼ା ଜିଲା କାଶୀପୁରରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଓଡ଼ିଶାରେ ଭାଜପା ସରକାର ଆସିଲେ ସମସ୍ତଙ୍କର ନିଜ ଗ୍ରାମରେ ରୋଜଗାରର ବ୍ୟବସ୍ଥା କରିବା ସହିତ ଜଣେବି ଲୋକ ଦାଦନ ପାଇଁ ବାହାର ରାଜ୍ୟକୁ ଯିବେ ନାହିଁ। ଭୂମିହୀନ ଲୋକଙ୍କୁ ଜମି ଓ ଗରିବ ପରିବାରଙ୍କୁ ପକ୍କା ଘର ପ୍ରଦାନ କରାଯିବ । କେହି ଏଥିରୁ ବଞ୍ଚିତ ହେବେ ନାହିଁ ବୋଲି କହିଛନ୍ତି।



ସଭାରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି ।

ରାୟଗଡା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲକା ଏବଂ କୋରାପୁଟ ଏମ୍‌ପି ପ୍ରାର୍ଥୀ ଜୟରାମ ପାଙ୍ଗିଙ୍କୁ ଭୋଟଦେଇ ବିଜୟ ଲାଭ କଲେ ଏହି ଅଞ୍ଚଳର ବିକାଶ ହୋଇପାରିବ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ କାଶୀପୁର ବ୍ଲକ ପଡିଆରେ ହେଲିକପ୍ଟରରୁ ଅବତରଣ କରିବା ପରେ ଭାଜପା କର୍ମୀମାନେ ସ୍ୱାଗତ କରିଥିଲେ। ସେଠାରୁ ଏକ ବିଶାଳ ରାଲିରେ କାଶୀପୁର ମୁଖ୍ୟରାସ୍ତା ଦେଇ ଜଗନ୍ନାଥ ମନ୍ଦିର ନିକଟରେ ଥିବା ସଭାସ୍ଥଳରେ ପହଞ୍ଚିଥିଲେ। କାଶୀପୁରର ବରିଷ୍ଠ ଭାଜପା ନେତା ସଂଗ୍ରାମ କେଶରୀ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଜିଲା ଯୁବ ମୋର୍ଚ୍ଚା ସଭାପତି ନୀଳାଦ୍ରି ବିହାରୀ ପାତ୍ର, କାଶୀପୁର ବ୍ଲକର ୩ଟି ଜୋନ ସଭାପତି ଉମାଶଙ୍କର ନାୟକ, ଗୁଣନିଧି ବାଗ, ସୁଶାନ୍ତ ପ୍ରଧାନି, କାଶୀପୁର ଯୁବ ମୋର୍ଚ୍ଚା ସଭାପତି ଅମିତ ବୈଦ୍ୟ, ଭାଜପା ଜାତୀୟ ଉପସଭାପତି ଆଦିବାସୀ ମୋର୍ଚ୍ଚା କାଳିରାମ ମାଝି, ରାକେଶ ମଣ୍ଡଳଙ୍କ ସମେତ ବହୁ ବ୍ଲକସ୍ତରୀୟ ଏବଂ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଏହି ସଭାରେ ବିପୁଳ ଜନସାଧାରଣଙ୍କ ସମାଗମ ହୋଇଥିଲା। ରାୟଗଡା ଏସ୍‌ଡିପିଓ ତପନ କୁମାର ରଥଙ୍କ ତତ୍ତ୍ୱାବଧାନରେ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

**ଗୁଣପୁର,୨।୪(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ସତ୍ୟ ନାରାୟଣ ରଥ ମୁଖ୍ୟ ଅତିଥି, ସଙ୍କୁଳ ପ୍ରମୁଖ ମନୋରଞ୍ଜନ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୁଣପୁର ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଚାଳନା ସମିତି ସଭାପତି ଲଳିତ ବୈଦ୍ୟଭୂଷଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ଏବଂ ସଦସ୍ୟା ଅମ୍ବିକାରାଣୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଆଚାର୍ଯ୍ୟା ସଂଯୁକ୍ତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଟିକିରି,୨।୪ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶିପୁର ବ୍ଲକସ୍ଥିତ ଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ନିରଞ୍ଜନ ନାୟକ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ସରୋଜିନୀ ନନ୍ଦ ଓ ଶିକ୍ଷକ ଚନ୍ଦ୍ରଶେଖର ସାହୁ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ସ୍କୁଲର ଗୁରୁମା,ଗୁରୁଜୀ, ପ୍ରଧାନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।



ଶିବିରରେ ଯୋଗ ଦେଇଥିବା ଗୁରୁମାମାନେ ।





ଖବରଦାତା ସମ୍ମିଳନୀରେ ଭାଜପା ପ୍ରାର୍ଥୀ ଶିବଶଙ୍କର ଉଲ୍ଲାକାଙ୍କ ସହ ଅନ୍ୟମାନେ ।

## ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

**ମୁନିଗୁଡା, ୨।୪(ଡ଼ି.ଏନ.ଏ)**

ଫ୍ଲାଇଙ୍ଗ ସ୍କ୍ୱାଡ୍ ନାମରେ ପ୍ରଶାସନିକ କଳ ଏବଂ ଶାସକ ବିଜୁ ଜନତା ଦଳର କର୍ମୀମାନେ ନିର୍ବାଚନ ଆୟୋଗଙ୍କ ନୀତିନିୟମକୁ ଅଣଦେଖା କରିବା ସହିତ ନିର୍ବାଚନ ଆଚରଣବିଧିକୁ ଉଲ୍ଲଂଘନ କରୁଛନ୍ତି। ମଙ୍ଗଳବାର ରାୟଗଡା ଜିଲା ମୁନିଗୁଡାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପାର ଜିଲା ସଭାପତି ତଥା ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଶିବଶଙ୍କର ଉଲ୍ଲାକା ଏହି ଅଭିଯୋଗ ଆଣିଛନ୍ତି । କୁମ୍ଭାର ଉପରେ ରାଗ ନ ଶୁଝାଇ ହାଣ୍ଡି ଭାଙ୍ଗିବା ନ୍ୟାୟରେ ସରକାରୀ କଳ ଏବଂ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାରତୀୟ ଜନତା ପାର୍ଟିରେ ପ୍ରଚାର ଅଭିଯାନକୁ ପ୍ରତିହତ କରିବା ପାଇଁ ଯେଉଁ ହୀନ ଉଦ୍ୟମ କରି ଦଳର ବ୍ୟାନର, ପୋଷ୍ଟର ଏବଂ କାନ୍ଥଲେଖା ଆଦିକୁ ନଷ୍ଟ ତଥା ବିକୃତ କରୁଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳର ବ୍ୟାନର, ପୋଷ୍ଟର ଏବଂ ହୋର୍ଡିଂ ଆଦିକୁ ସୁରକ୍ଷା ଦେବା ପ୍ରଶାସନିକ କଳର ପାତରଅନ୍ତର ନୀତି ବୋଲି ପ୍ରମାଣିତ କରୁଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା, ଉପସଭାପତି ରାମକୃଷ୍ଣ ପଣ୍ଡା, ମଣ୍ଡଳ ସଭାପତି ରମେଶ ପାଣି, ଯୁବମୋର୍ଚ୍ଚା ସଭାପତି ଭୋଳାନାଥ ଦୁବେ, ଜି. ବୀରଭଦ୍ର ଆଚାରୀ, ଦିଲୀପ ମହାରଣାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।







## ଓକିଲ ସଂଘର ଜରୁରୀ ବୈଠକ

**ରାୟଗଡା ଅଫିସ୍, ୨।୪**

ରାୟଗଡା ଓକିଲ ସଂଘର ଏକ ଜରୁରୀ ବୈଠକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କେ.ଜି.ଏଚ୍ କୁମୁଦନ ନବ ନିର୍ବାଚିତ ସଂଘ ପ୍ରତିନିଧିଙ୍କ ପରିଚୟ ପ୍ରଦାନ କରିଥିଲେ। ବ୍ରଜ ସୁନ୍ଦର ନାୟକ ସଭାପତି, ଭି.ଅବତାର ଉପସଭାପତି, ପଦ୍ମନାଭ ଦାଶ ସମ୍ପାଦକ, ମୋହନ ନାୟକ ସହ ସମ୍ପାଦକ, ରଜତ ରଞ୍ଜନ ଖଟୁଆ କୋଷାଧ୍ୟକ୍ଷଭାବେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଓକିଲ ସଂଘ ପୂର୍ବତନ ସଭାପତି ବିଷ୍ଣୁପ୍ରସାଦ ପଣ୍ଡା ନବ ନିର୍ବାଚିତ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇବା ସହ ସଂଘର ଉନ୍ନତି ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ସଂଘର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଲୋଡା ବୋଲି ସଭାପତି, ସମ୍ପାଦକ କହିଥିଲେ।



ବୈଠକରେ ଉପସ୍ଥିତ ଆଇନଜୀବୀ।

## ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋର୍‌ଦାର

**ଗୁଣପୁର,୨।୪(ଡି.ଏନ.ଏ)**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ । ପ୍ରଚାର ପାଇଁ ସପ୍ତାହେ ବାକି ରହିଛି । ଏହାକୁ ଦୃଷ୍ଟିରେ ରଖି ରାୟଗଡା ଜିଲା ଗୁଣପୁରଠାରେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ହେଲେ ଦୁଇ ସ୍ୱାଧୀନ ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ଓ ରାମମୂର୍ତ୍ତି ମୁଚ୍ଛିକାଙ୍କ ପକ୍ଷରୁ ଜୋରଦାର ପ୍ରଚାର ଚାଲୁ ରହିଛି । ବିଭିନ୍ନ ସ୍ଥାନରେ ପୋଷ୍ଟର,ବ୍ୟାନର, ଫ୍ଲେକ୍ସ, ହୋର୍ଡିଂମାନ ଲଗା ଯାଇଛି । ଡାକବାଜି ଯନ୍ତ୍ର ମାଧ୍ୟମରେ ଭାଜପା ପକ୍ଷରୁ କେତେକ ସ୍ଥାନରେ ଫ୍ଲେକ୍ସଗୁଡିକ ମରାଯାଇଥିବା ବେଳେ ପ୍ରଚାର ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ । କଂଗ୍ରେସ ପକ୍ଷରୁ ପୁରୁଷୋତ୍ତମ ଗମାଙ୍ଗ, ବିଜେଡି ପକ୍ଷରୁ ରଘୁନାଥ ଗମାଙ୍ଗ ବିଭିନ୍ନ ସ୍ଥାନକୁ ଯାଇ ସଭାସମିତି ଏବଂ ଲୋକ ସମ୍ପର୍କ ମାଧ୍ୟମରେ ପ୍ରଚାରକୁ ଜୋରଦାର କରିଛନ୍ତି। ଭାଜପା ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ, ପୂର୍ବତନ ଏମପି ହେମା ଗମାଙ୍ଗ ପ୍ରମୁଖ ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ସହ ଯୋଗାଯୋଗ କରୁଥିଲେ ମଧ୍ୟ ପ୍ରଚାର ଜୋର ଧରିନାହିଁ।

## ଜାତୀୟ ରାଜପଥ ଶୋଚନୀୟ, ଲୋକେ ହନ୍ତସନ୍ତ

**ରାମନାଗୁଡ଼ା,୨।୪(ଡି.ଏନ.ଏ)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ସଦର ମହକୁମା ଏବଂ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର ଦୂର ରାୟଗଡ଼ା–ବ୍ରହ୍ମପୁର ୩୨୬ ନଂ ଜାତୀୟ ରାଜପଥ ଶୋଚନୀୟ ହୋଇପଡ଼ିଛି । ରାମନାଗୁଡ଼ା ବ୍ଲକ ତାଣ୍ଡିକଣାଠାରୁ ରାମନାଗୁଡ଼ା ୭ କିମି ଭିତରେ କଣ୍ଡାଜାମଠାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି । ସେହିପରି ପାରିଖିଡି ଘାଟି ଅବସ୍ଥା ନ କହିବା ଭଲ । ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ମଧ୍ୟ ଦୟନୀୟ । ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତା କାମ ପ୍ରାୟ ୩ ବର୍ଷ ହେଲାଣି ଚାଲିଛି, କିନ୍ତୁ ସରୁନାହିଁ । ବିଭାଗୀୟ ଅଧିକାରୀ ଏବଂ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଜାତୀୟ ରାଜପଥର ଏପରି ଅବସ୍ଥା ଯୋଗୁ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି । ଠିକାଦାରଙ୍କ ଅବହେଳା ଯୋଗୁ ଏହି କାମ ବିଳମ୍ବ ହେଉଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି । ଏନେଇ କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରୁ, ଏପରି ଠିକାଦାରଙ୍କୁ ନେଇ କାମ କରିବା ବହୁ କଷ୍ଟକର। ଠିକାଦାରଙ୍କ ଖାମଖିଆଲ ମନୋଭାବ ଯୋଗୁ କାମ ସରୁନି । ଠିକାଦାରଙ୍କ କାମ ସାରିଲେ ରାସ୍ତାଟି ଜାତୀୟ ରାଜପଥ ପ୍ରାଧିକରଣକୁ ହସ୍ତାନ୍ତର ହେବ ବୋଲି କହିଛନ୍ତି ।





ରାସ୍ତା ଖାଲଖମାରେ ପରିପୂର୍ଣ୍ଣ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ